NATIONAL NEWS BULLETIN (ODIA)

8 November - 2026

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- ମାଓ ହିଂସାମୁକ୍ତ ଭାରତରେ ଚଳିତବର୍ଷର ଦୀପାବଳୀ ବେଶ୍ ଗୁରୁତ୍ୱ ବହନ କରୁଛି; କହିଲେ ପ୍ରଧାନମନ୍ତ୍ରୀ ।

- ବସ୍ତରଠାରେ ସୁରକ୍ଷାକର୍ମୀଙ୍କ ସହ ପାଳନ କଲେ ଆଲୋକର ପର୍ବ ।

- ଭାରତ–ଚୀନ୍ ସୀମାରେ ଜବାନଙ୍କ ଦୀପାବଳୀ ପାଳନ କଲେ ପ୍ରତିରକ୍ଷାମନ୍ତ୍ରୀ ।

- ଇସ୍ରାଏଲରେ ପରବର୍ତ୍ତୀ ସରକାର ଗଠନ ପାଇଁ ୟଶର ଦଳର ଅଧ୍ୟକ୍ଷ ଆଇଜେନ୍‌କୋଟ୍‌ଙ୍କୁ ଆମନ୍ତ୍ରଣ କଲେ ରାଷ୍ଟ୍ରପତି ।

ଏବଂ

- ଦିଲ୍ଲୀ ଏନ୍‌ସିଆର୍ ଅଞ୍ଚଳରେ ଖରାପ ସ୍ଥିତିରେ ରହିଛି ବାୟୁ ଗୁଣବତ୍ତା ।

ପିଏମ୍-ଦିୱାଲି ବସ୍ତର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ପୂର୍ବରୁ ନକ୍ସଲବାଦ ଦ୍ୱାରା ପ୍ରଭାବିତ ବସ୍ତର ଅଞ୍ଚଳ ଏବେ ଶାନ୍ତି ଓ ବିକାଶର ନୂତନ ଯୁଗରେ ପଦାର୍ପଣ କରିଛି । ସୁରକ୍ଷା କର୍ମୀଙ୍କ ତ୍ୟାଗ ଓ ସମର୍ପଣ ଭାବ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଛତିଶଗଡର

ବସ୍ତରଠାରେ ଆଜି ସୁରକ୍ଷା ବାହିନୀଙ୍କ ସହିତ ଦୀପାବଳୀ ପାଳନ କରିବା ଅବସରରେ ଶ୍ରୀ ମୋଦୀ ଏହାକହିଛନ୍ତି । ସେ କହିଛନ୍ତି ଚଳିତବର୍ଷର ଦୀପାବଳୀ ବେଶ୍ ଗୁରୁତ୍ୱ ବହନ କରୁଛି । ନକ୍ସଲବାଦ ଏବଂ ମାଓବାଦୀ ହିଂସା ବିରୁଦ୍ଧରେ ଦେଶରେ ବହୁବର୍ଷ ଧରି ଜାରି ରହିଥିବା ଲଢ଼େଇରେ ଚଳିତବର୍ଷ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି । ଦେଶର ପ୍ରତ୍ୟେକ ଜିଲ୍ଲା ନକ୍ସଲବାଦରୁ ମୁକ୍ତ ହେବା ସହ ଲକ୍ଷଲକ୍ଷ ଲୋକ ନକ୍ସଲ ହିଂସାର ଭୟକୁ ଦୂରକରି ଚଳିତବର୍ଷ ପ୍ରଥମଥର ପାଇଁ ଦୀପାବଳୀ ପାଳନ କରୁଛନ୍ତି । ଏହି ସଫଳତା ରାଷ୍ଟ୍ରର ସୁରକ୍ଷା ବାହିନୀ ଏବଂ ଅନ୍ୟାନ୍ୟ ଅଂଶୀଦାର କର୍ମଚାରୀଙ୍କ ସାହସ, ଅଙ୍ଗୀକାରବଦ୍ଧତା ଏବଂ ବଳିଦାନର ପରିଣାମ । ସେମାନଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକୃତି ଦେବାପାଇଁ ପ୍ରତିବର୍ଷ ସୁରକ୍ଷା କର୍ମୀଙ୍କ ସହ ଦୀପାବଳି ପାଳନ କରିବାକୁ ନିଷ୍ପତ୍ତି ନେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

V/O (PM Naxal)

ପ୍ରଧାନମନ୍ତ୍ରୀ କହିଛନ୍ତି ପୂର୍ବରୁ ୨୦ଟି ରାଜ୍ୟର ୨୩୦ରୁ ଅଧିକ ଜିଲ୍ଲା ନକ୍ସଲଦ୍ୱାରା ପ୍ରଭାବିତ ହୋଇଥିଲା । ସେଥିମଧ୍ୟରେ ବିହାର, ମହାରାଷ୍ଟ୍ର, ଓଡ଼ିଶା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଛତିଶଗଡ ଆଦି ଅନ୍ତର୍ଭୁକ୍ତ । ୨୦୦୪ରୁ ୨୦୧୩ ମଧ୍ୟରେ ପ୍ରତିବର୍ଷ ସହିଦ ହୋଇଥିବା ସୁରକ୍ଷାକର୍ମୀଙ୍କ ସଂଖ୍ୟା ନକ୍ସଲବାଦୀଙ୍କ ଅପେକ୍ଷା ଅଧିକ ରହିଥିଲା । ସେତେବେଳେ ତତ୍କାଳୀନ ସରକାର ଏହାକୁ ଏକ ଅସାଧ୍ୟ ରୋଗ ଭାବେ ଗ୍ରହଣ କରିବା ସହ ଏହାର ସମାଧାନରେ ବିଫଳ ହୋଇଥିଲେ । ଗତ ୪୭ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ୧୨ମାସ ମଧ୍ୟରେ ଜଣେବି ସିଆର୍ପିଏଫ୍ ଜବାନ କର୍ତ୍ତବ୍ୟ ସମ୍ପାଦନ ସମୟରେ ପ୍ରାଣ ହରାଇ ନାହାନ୍ତି ।

ସୁରକ୍ଷା କର୍ମୀ ଜାତିର ଏକତା ଓ ଅଖଣ୍ଡତା ପାଇଁ ଅଗଣିତ ବଳିଦାନ ପ୍ରଦାନ କରିଛନ୍ତି । ଏଥିପାଇଁ ପ୍ରତ୍ୟେକ ସୁରକ୍ଷା କର୍ମଚାରୀଙ୍କୁ ପ୍ରଧାନମନ୍ତ୍ରୀ କୃତଜ୍ଞତା ପ୍ରକାଶ କରିଛନ୍ତି । ସେବା ମନୋଭାବ ଦ୍ୱାରା ପରିଚାଳିତ ହୋଇ ସରକାର ନକ୍ସଲବାଦ ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସଫଳ ହୋଇପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଫଳରେ ପ୍ରଭାବିତ ଲୋକ ମଧ୍ୟ ସରକାର ଏବଂ ସୁରକ୍ଷା ବାହିନୀକୁ ସମର୍ଥନ ପ୍ରଦାନ କରୁଛନ୍ତି ।

V/O (PM 12 Years)

ଆଲୋକର ପର୍ବ ଦୀପାବଳୀ ଆଜି ଦେଶ ତଥା ବିଦେଶର ବିଭିନ୍ନ ରାଷ୍ଟ୍ରରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ପୃଥକ୍ ପୃଥକ୍ ବାର୍ତ୍ତାରେ ସେମାନେ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

ରାଜନାଥ ସିଂହ ଭିଜିଟ୍ ସିକ୍କିମ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ସିକ୍କିମ ଗସ୍ତରେ ଯାଇ ଭାରତ–ଚୀନ୍ ସୀମାରେ ମୁତୟନ ହୋଇଥିବା ଯବାନଙ୍କ ସହ ଦୀପାବଳୀ ପାଳନ କରୁଛନ୍ତି । ସୁରକ୍ଷା ବାହିନୀର ବୀରତ୍ୱକୁ ସ୍ମରଣ କରି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ଯବାନଙ୍କ ନିଷ୍ଠା ଏବଂ ସମର୍ପଣ ଭାଗ ଯୋଗୁଁ ହିଁ ଦେଶବାସୀ ଶାନ୍ତିପୂର୍ଣ୍ଣ ଭାବେ ଦୀପାବଳୀ ପାଳନ କରିପାରୁଛନ୍ତି । ସିକ୍କିମର ଶେରଥାଙ୍ଗ ଯୁଦ୍ଧସ୍ମାରକୀ ପରିଦର୍ଶନ କରି ଶ୍ରୀ ସିଂହ କହିଛନ୍ତି ଦେଶର ଯୁବବର୍ଗଙ୍କୁ ଏହି ସ୍ମାରକୀ ପ୍ରେରଣା ପ୍ରଦାନ କରୁଛି । ଶେରଥାଙ୍ଗ ଯୁଦ୍ଧସ୍ମାରକୀ ଦେଶ ପାଇଁ

ସର୍ବୋଚ୍ଚ ବଳିଦାନ ଦେଇଥିବା ସହିଦ ଓ ଯୁଦ୍ଧ ନାୟକଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି...

V/O

ସ୍ଥଳ ସେନାମୁଖ୍ୟ ଧୀରଜ ସେଠ୍‌ଙ୍କ ସମେତ ବରିଷ୍ଠ ସେନା ଅଧିକାରୀ ଶ୍ରୀ ସିଂହଙ୍କ ସହ ଏହି ଗସ୍ତରେ ଯାଇଥିଲେ ।

ଇସ୍ରାଏଲ ଇଲେକ୍ସନ ଡେଭଲପମେଣ୍ଟ

ଇସ୍ରାଏଲରେ ୟଶର ଦଳର ଅଧ୍ୟକ୍ଷ ଗାଦି ଆଇଜେନ୍‌କୋଟ୍‌କୁ ପରବର୍ତ୍ତୀ ସରକାର ଗଠନ ପାଇଁ ରାଷ୍ଟ୍ରପତି ଆଇଜାକ୍ ହର୍‌ଯୋଗ୍ ଦାୟିତ୍ୱ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟ ଏକ୍ସରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଆଇଜେନ୍‌କୋଟ୍ କହିଛନ୍ତି ଦେଶରେ ଏକ ଜାତୀୟ ଜରୁରୀକାଳୀନ ସରକାର ଗଠନ କରିବାର ସମୟ ଉପନୀତ ହୋଇଛି । ଇସ୍ରାଏଲ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତ୍ତି ଅନୁଯାୟୀ ନିର୍ବାଚିତ ରାଜନୈତିକ ଗୋଷ୍ଠୀର ପ୍ରତିନିଧିଙ୍କ ସହ ପରାମର୍ଶ ଏବଂ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଆଇଜେନ୍‌କୋଟଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ୧୨୦ ସଦସ୍ୟ ବିଶିଷ୍ଟ ନେସେଟରେ ଶ୍ରୀ ଆଇଜେନ୍‌କୋଟଙ୍କ ସପକ୍ଷରେ ୬୭ଜଣ ସାଂସଦଙ୍କର ସମର୍ଥନ ରହିଛି ।

ସୂଚନାଯୋଗ୍ୟ ସରକାର ଗଠନ ପାଇଁ ଶ୍ରୀ ଆଇଜେନ୍‌କୋଟଙ୍କ ପାଖରେ ୨୮ ଦିନର ସମୟ ରହିଛି । ତେବେ ଆବଶ୍ୟକସ୍ଥଳେ ଏହା ଅଧିକ ୧୪ଦିନ ପାଇଁ ବୃଦ୍ଧି ପାଇପାରିବ । ଇସ୍ରାଏଲ ପ୍ରତିରକ୍ଷା ବାହିନୀର

ପୂର୍ବତନ ମୁଖ୍ୟ ତଥା ୟଶର ପାର୍ଟିର ଅଧ୍ୟକ୍ଷ ଶ୍ରୀ ଆଇଜେନ୍‌କୋଟ୍ ନେତାନ୍ୟାହୁଙ୍କ ପରିଚାଳିତ ସରକାରରେ ଯୋଗଦେବାକୁ ଅଗ୍ରାହ୍ୟ କରିଥିଲେ । ଗାଜା ଯୁଦ୍ଧର ପରିଚାଳନାକୁ ସେ ସମାଲୋଚନା କରିଛନ୍ତି । ଅନ୍ୟପକ୍ଷରେ ଶ୍ରୀ ନେତାନ୍ୟାହୁ ପରାଜୟକୁ ଏପର୍ଯ୍ୟନ୍ତ ସ୍ୱୀକାର କରିନଥିବାବେଳେ ଜାତୀୟ ଏକତା ସରକାର ଗଠନ ପାଇଁ ପ୍ରୟାସ ଜାରି ରଖିଥିବା ଜଣାପଡିଛି । ସୁରକ୍ଷା, ଗାଜା ଯୁଦ୍ଧ, ସାମରିକ କାର୍ଯ୍ୟକ୍ରମ ଏବଂ ଆରବ ନେତୃତ୍ୱାଧୀନ ଦଳଗୁଡ଼ିକ ମେଣ୍ଟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି । ଯଦି ଶ୍ରୀ ଆଇଜେନ୍‌କୋଟ ନିର୍ଦ୍ଧାରିତ ସମୟ ମଧ୍ୟରେ ସରକାର ଗଠନ କରିବାରେ ବିଫଳ ହୁଅନ୍ତି ତେବେ ରାଷ୍ଟ୍ରପତି ହରଯୋଗ୍ ବିକଳ୍ପ ନେତା ଚୟନ ବେଳେ ନେତାନ୍ୟାହୁଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇପାରେ ବୋଲି ରାଜନୈତିକ ବିଶେଷଜ୍ଞ ମତବ୍ୟକ୍ତ କରିଛନ୍ତି ।

ନ୍ୟୁଜିଲାଣ୍ଡ-ନିଉ ଗଭ୍‌ମେଣ୍ଟ

ନ୍ୟୁଜିଲାଣ୍ଡରେ ସାଧାରଣ ନିର୍ବାଚନ ପରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳିନାହିଁ । ନ୍ୟାସନାଲ ପାର୍ଟି କିମ୍ବା ବିରୋଧୀ ଲେବର ପାର୍ଟି ସ୍ପଷ୍ଟ ବହୁମତ ହାସଲ କରିପାରିନାହାନ୍ତି । ଫଳରେ ଦେଶର ପରବର୍ତ୍ତୀ ସରକାର ଗଠନ ମେଣ୍ଟ ଉପରେ ନିର୍ଭର କରୁଛି । ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ନ୍ୟାସନାଲ ପାର୍ଟି ଏବଂ ଲେବର ପାର୍ଟି ମୁଖ୍ୟ କ୍ରିସ୍ ହିପ୍‌କିନ୍‌ସ ନିର୍ବାଚନରେ ପଛେଇ ଯାଇଥିବାବେଳେ ମତଦାତା ଛୋଟ ଦଳଗୁଡ଼ିକ ପ୍ରତି ଅଧିକ ସମର୍ଥନ ପ୍ରଦାନ କରିଛନ୍ତି । ନବାଗତ ନେତା କ୍ୟୁଲେ ୱିଙ୍ଗଙ୍କ ନେତୃତ୍ୱାଧୀନ ଅପର୍ଚ୍ୟୁନିଟି ପାର୍ଟି ୭ଟି ଆସନ ହାସଲ କରିଛି । ସରକାର

ଗଠନରେ ଏହି ଦଳ ନିର୍ଣ୍ଣାହକ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି । ଶ୍ରୀ ୱିଙ୍ଗ କହିଛନ୍ତି ଉଭୟ ରାଜନୈତିକ ଦଳ ସହ କାର୍ଯ୍ୟ କରିବାକୁ ତାଙ୍କ ଦଳ ସହମତ ଅଛି, ତେବେ ଏକ ପ୍ରମାଣ ଆଧାରିତ ଆଭିମୁଖ୍ୟର ପ୍ରତିଶ୍ରୁତି ସହ ସେ ସରକାରରେ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି ।

ଆଇଏମ୍‌ଡି

ଦିଲ୍ଲୀ ଏନ୍‌ସିଆର୍ ଅଞ୍ଚଳରେ ବାୟୁ ଗୁଣବତ୍ତା ଖରାପ ପରିସ୍ଥିତିରେ ରହିଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦେଇଥିବା ସୂଚନା ଅନୁଯାୟୀ ଅପରାହ୍ଣ ଗୋଟାଏ ସୁଦ୍ଧା ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ - ଇଛଓ ୩୭୯ ରେକର୍ଡ କରାଯାଇଥିଲା । ୩୦୧ରୁ ୪୦୦ ମଧ୍ୟରେ ରହିଥିବା ଇଛଓ କୁ ଅତ୍ୟନ୍ତ ଖରାପ ବର୍ଗରେ ସ୍ଥାନିତ କରାଯାଇଥାଏ । ୪୦୦ରୁ ଅଧିକ ହେଲେ ବାୟୁ ଗୁଣବତ୍ତା ଅତ୍ୟନ୍ତ ଗମ୍ଭୀର ପରିସ୍ଥିତିରେ ରହିଛି ବୋଲି ଗ୍ରହଣ କରାଯାଏ ।

ଅନ୍ୟପକ୍ଷରେ କେରଳମ୍, ମାହେ, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲରେ ଆଜି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଆସନ୍ତା କାଲି ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ ଓ ଲାକ୍ଷାଦ୍ୱୀପରେ ବିଜୁଳି ସହ ବର୍ଷା ହୋଇପାରେ ବୋଲି ବିଭାଗ କହିଛି ।

ଆଇ.ଆଇ.ଟି.ଏଫ୍.

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆସନ୍ତା ୧୩ ତାରିଖରେ ୪୫ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ ହେବ। ୧୪ ତାରିଖରୁ ଏହି

ମେଳା ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ମେଳାର ବିଷୟବସ୍ତୁ ରହିଛି 'ବିକାଶ ଔର ବିରାସତ'।

ଏହି ସଂସ୍କରଣରେ ବିହାର, ମହାରାଷ୍ଟ୍ର, ରାଜସ୍ଥାନ ଓ ଉତ୍ତରପ୍ରଦେଶ ସହଯୋଗୀ ରାଜ୍ୟ ଭାବେ ଯୋଗଦେଉଥିବା ବେଳେ ଆସାମ, ଦିଲ୍ଲୀ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଫୋକସ୍ ରାଜ୍ୟ ଭାବେ ଚୟନ କରାଯାଇଛି। ଏହି ୧୪ ଦିନିଆ ମେଳାରେ ଦେଶର ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଂଶଗ୍ରହଣ କରିବେ। ଏଥିସହ ୫୫ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ, ସରକାରୀ ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ବ୍ୟାଙ୍କ ମଧ୍ୟ ଭାଗ ନେବେ।

ଅନ୍ତର୍ଜାତୀୟ ସ୍ତରରେ ଥାଇଲାଣ୍ଡ, ଇରାନ, ଘାନା, ନେପାଳ, ଆଫଗାନିସ୍ତାନ, ସଂଯୁକ୍ତ ଆରବ ଏମିରେଟ୍ସ, ତୁର୍କି, ଚୀନ୍, ଶ୍ରୀଲଙ୍କା, ବାଂଲାଦେଶ ଓ ଟୁନିସିଆ ସମେତ ୧୨ଟି ଦେଶ ନିଜସ୍ୱ ପାଭିଲିୟନ୍ ସ୍ଥାପନ କରିବେ। ଭାରତ ଓ ବିଦେଶରୁ ୩ ହଜାର ୫୦୦ରୁ ଅଧିକ ପ୍ରଦର୍ଶକ ନିଜର ଉତ୍ପାଦ ଓ ସେବା ପ୍ରଦର୍ଶନ କରିବେ।

ମେଳାର ପ୍ରଥମ ପାଞ୍ଚଦିନ କେବଳ ବ୍ୟବସାୟିକ ପ୍ରତିନିଧିଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଚଳିତ ମାସ ୧୯ ତାରିଖରୁ ସାଧାରଣ ଜନତାଙ୍କ ପାଇଁ ମେଳା ଖୋଲାଯିବ। ବ୍ୟବସାୟିକ ଦିବସଗୁଡ଼ିକରେ ପ୍ରବେଶ ଟିକଟ ମୂଲ୍ୟ ୫୦୦ ଟଙ୍କା ରଖାଯାଇଛି। ସାଧାରଣ ଦିନଗୁଡ଼ିକରେ ବୟସ୍କଙ୍କ ପାଇଁ ୧୦୦ ଟଙ୍କା ଓ ଶିଶୁଙ୍କ ପାଇଁ ୫୦ ଟଙ୍କା ଟିକଟ ମୂଲ୍ୟ ଧାର୍ଯ୍ୟ ହୋଇଛି। ସପ୍ତାହାନ୍ତ ଓ ସରକାରୀ ଛୁଟିଦିନରେ ବୟସ୍କଙ୍କ ପାଇଁ ୨୦୦ ଟଙ୍କା ଏବଂ ଶିଶୁଙ୍କ ପାଇଁ ୧୦୦ ଟଙ୍କା ଟିକଟ ରହିଛି। ତେବେ ସାଧାରଣ ଦିନଗୁଡ଼ିକରେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ପ୍ରବେଶ ସମ୍ପୂର୍ଣ୍ଣ ନିଃଶୁଳ୍କ ରହିବ।